# Akashvani, Sambalpur

# SAMBALPURI NEWS MORNING BULLETIN

## 18 August 2026 - 6.47- 6.52 am.

---

ବନ୍ୟା          ଆର୍‌ଏନ୍‌ୟୁ/ କଟକ୍

ରାଏଜେ ହଉଥିବା ଲଗାଏତ୍ ବର୍ଷା ଲାଗି ଭିନ୍ ଭିନ୍ ଜିଲ୍ଲା ନ ବନ୍ୟା ପରିସ୍ଥିତି ଦେଖାଦେଇଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଲାକାଏଲ୍ ଯାଜ୍‌ପୁର୍ ଆଉ ଭଦ୍ରକ୍ ଜିଲ୍ଲା ବୁଲିକରି ସ୍ଥିତିର୍ ଅନୁଧ୍ୟାନ୍ କରିଥିଲେ । ଇ ସମିଆଥି ସେ  ପ୍ରଭାବିତ୍ ମାନ୍‌କର୍ ନିକେ ତୁର୍‌ତି ରିଲିଫ୍, ସ୍ୱାସ୍ଥ୍ୟସେବା ଆଉ ଜରୁରୀ ଜିନିଷ୍ ପହଁଚାବାର୍ ସହେତେ ସାହାଜ୍ କାମ୍‌କେ ତୁର୍‌ତି କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ବଏଢ଼୍ ଲାଗି ୪୯ଟା ବ୍ଲକର ୯ ଶହ ୪୭ଟା ଗାଁର୍ ୫ଲାଖ୍‌ରୁ ଅଏତ୍‌କା ଲୋକ୍ ପ୍ରଭାବିତ ହୋଇଛନ୍ । ୨ ଲାଖ୍ ୩୭ ହଜାରନୁ ଅଏତ୍‌କା ଲୁକ୍‌କୁ ନିରାପଦ ଜାଗାକେ ନିଆଯାଇଥିବାର୍ ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

ଡିଜିପି ଚୟନ୍ ପ୍ରକ୍ରିୟା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ନୂଆଁ ଡିଜିପି ଚୟନ୍ ପ୍ରକ୍ରିୟାକେ ନେଇକରି ଆଏଜ୍ ସୁପ୍ରିମ୍‌କୋର୍ଟ ନ ଶୁଣାଣି ହେବା । ଡିଜିପି ଚୟନ୍ ପ୍ରକ୍ରିୟା ଉପ୍‌ରେ ସୁପ୍ରିମ୍‌କୋର୍ଟ ସାମୟିକ୍ ରୋକ୍ ଲଗେଇଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ୧୬ ତାରିଖ୍ ଓ୍ୱାଇ.ବି. ଖୁରାନିଆ ପୁଲିସ୍ ମହାନିର୍ଦ୍ଦେଶକ୍ ପଦ ନୁ ଅବସର୍ ନେଲା ଉତ୍‌ରୁ ରାଜ୍ୟ ସର୍‌କାର୍ ୧୯୯୩ ବେଚ୍‌ର ବରିଷ୍ଠ ପୁଲିସ୍ ଅଧିକାରୀ ଆଇ କ୍ରାଇମ୍‌ବ୍ରାଂଚ୍ ଡିଜି ବିନୟତୋଷ୍ ମିଶ୍ରଙ୍କୁ ଅନ୍ତରିଣ ଡିଜି ଭାବେ ନିଯୁକ୍ତି ଦେଇଛନ୍ ।

ନୀତିନ୍ ନବୀନ       ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଜନତା ପାର୍ଟି- ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ନବୀନ୍ ଗଲାକାଏଲ୍ ନୂଆଦିଲ୍ଲୀ ଦଲୀୟ କାର୍ଯ୍ୟାଳୟ ନ ନୂଆଁ ରାଷ୍ଟ୍ରୀୟ ପଦାଧିକାରୀଙ୍କର୍ ନାଁ ଘୋଷ୍‌ନା କରିଛନ୍ । ଦଲ୍‌ଥି ୧୩ ଝନ୍‌କୁ ରାଷ୍ଟ୍ରୀୟ ଉପସଭାପତି ଭାବେ ନିଯୁକ୍ତି ମିଲିଛେ ।

କୌଶଲ୍ ମନ୍ଥନ୍ ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶା ଦେଶର୍ ଗୁଟେ ପ୍ରମୁଖ ଦକ୍ଷତା ବିକାଶ୍ କେନ୍ଦ୍ର ହିସାବେ ଆଗ୍‌କେ ବଢୁଛେ ବଲି ଶିଳ୍ପ ଦକ୍ଷତା ବିକାଶ୍ ଆଉ ବୈଷୟିକ୍ ଶିକ୍ଷାମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ କହିଛନ୍ । କୋଲ୍‌କାତା ନ ହେଇଥିବା ଆଂଚଲିକ୍ ଦକ୍ଷତା ବିକାଶ୍ ମନ୍ତ୍ରୀ ସମ୍ମିଳନୀ କୌଶଲ୍ ମନ୍ଥନ୍‌ଥି ଯୋଗ୍ ଦେଇକରି ସେ କହିଛନ୍, ପ୍ରଧାନ୍‌ମନ୍ତ୍ରୀଙ୍କର୍ ଦିଗ୍‌ଦର୍ଶନ୍ ଆଉ ମୁଖ୍ୟମନ୍ତ୍ରୀଙ୍କର୍ ନେତୃତ୍ୱଥି ରାଏଜେ ଆଇଟିଆଇ ଆଧୁନିକୀକରଣ୍ ବିଶ୍ୱ ଦକ୍ଷତା କେନ୍ଦ୍ରର୍ ସମ୍ପ୍ରସାରଣ୍ ଆଉ ଶିଳ୍ପ ଭିତିକ୍ ସେଂଟର୍ ଅଫ୍ ଏକ୍ସଲେନ୍ସ ଥାପ୍‌ନା ଜରିଏ ସ୍କିଲିଂ ଇକୋ ସିଷ୍ଟମ୍‌ଥି ବ୍ୟାପକ୍ ପରିବର୍ତନ୍ ଆସିଛେ । କେନ୍ଦ୍ର କୌଶଲ୍ ବିକାଶ୍ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କର୍ ଅଧକ୍ଷତାଥି ହେଇଥିବା ସମ୍ମିଲନୀଥି ଓଡ଼ିଶା ସହେତେ ପଶ୍ଚିମବଙ୍ଗ୍, ଛତିଶ୍‌ଗଡ୍, ମଧପ୍ରଦେଶ୍ ଆଉ ଗୁଜୁରାଟ୍‌ର ମନ୍ତ୍ରୀ ଆଉ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଜଲ ପରିଚାଳନା-କର୍ମଶାଳା ଭୁବନେଶ୍ୱର୍ ସମ୍ବାଦଦାତା

ସ୍ମାର୍ଟ ଜଲ୍‌ସେଚନ୍ ଆଉ ଚାହିଦା ଭିତିକ ଜଳ ପରିଚାଳନା ବାବଦ୍ କର୍ମଶାଳା ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଳନୀ କକ୍ଷ ନ ହେଇଯାଇଛେ । ରାଜ୍ୟର୍ ଜଲ୍‌ସେଚନ୍ ବ୍ୟବସ୍ଥାକେ ଅଏତ୍‌କା ଦକ୍ଷ, ଉତର୍‌ଦାୟୀ ଆଉ ଚାଷୀ କୈନ୍ଦ୍ରୀକ୍ କର୍‌ବାର୍ ସହେତେ ପାନିର୍ ସଠିକ୍ ବିନିଯୋଗ୍ ଲାଗି ଆଧୁନିକ୍ ପ୍ରଯୁକ୍ତି ଆଉ ତଥ୍ୟଭିତିକ୍ ପରିଚାଳନା ଉପ୍‌ରେ କର୍ମଶାଳାଥି ଜୋର୍ ଦିଆଯାଇଛେ । ଇ ଅବ୍‌ସରେ ରାଏଜେ ଜଲ୍‌ସେଚନ୍ ବ୍ୟବସ୍ଥାର୍ ଡିଜିଟାଲ୍ ପ୍ରଯୁକ୍ତି, ନବସୃଜନ ଆଉ ତଥ୍ୟଭିତିକ୍ ପଦ୍ଧତିର୍ ତାଲ୍‌ମେଲ୍ ଜରିଏ ଲକ୍ଷ୍ୟ ହାସଲ୍ ଉପ୍‌ରେ ଆଲୋଚନା କରାଯାଇଥିଲା ।

ମଧ୍ୟସ୍ଥତା ଅଭିଯାନ ବର୍‌ଗଡ୍ ସମ୍ବାଦଦାତା

ହାଇକୋର୍ଟ, ଜିଲ୍ଲା ଅଦାଲତ ଆଉ ତାଲୁକସ୍ତରର୍ ଅଦାଲତ ମାନ୍‌କେ ଥିବା ବିଚାରାଧୀନ ମାମଲାମାନ୍‌କର୍ 'ମଧ୍ୟସ୍ଥତା' ଜରିଏ ସରଲ୍ ଆଉ ସହଜ୍ ସମାଧାନ୍ ଲାଗି ସାରା ଦେଶେ ଆଏବା ଅକ୍ଟୋବର୍ ୧ ତାରିଖ୍‌ନୁ ୩ ନମ୍ବର୍ ଥର୍ ଲାଗି ନୂଆଁ ଅଭିଯାନ୍ ମୁଲ୍ ହେବା । ଇଟା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍, ବର୍‌ଗଡ୍ ସହେତେ

ତାଲୁକ ଆଇନସେବା କାର୍ଯ୍ୟାଳୟ ପଦ୍ମପୁର, ସୋହେଲା, ବରପାଲି ଆଉ ଭେଡେନ ପରିସର ନ ହେବା ବଲି ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବିଭୂତି ଭୂଷଣ ନାୟକ କହିଛନ୍ । ମଧ୍ୟସ୍ଥତା କାର୍ଯ୍ୟକ୍ରମ୍ ଜରିଏ ଅଦାଲତ୍ ନ ବିଚାରାଧୀନ୍ ଥିବା ସବୁ ପାରିବାରିକ ବିବାଦ, ମୋଟର ଦୁର୍ଘଟଣାର କ୍ଷତିପୂରଣ ମାମଲା, ଖାଉଟି ଅଦାଲତ ନ ଥିବା ବିବାଦ ବାଗିର୍ ସମାଧାନ କରାଯାଇପାର୍ବା । ଇଥିର୍ଲାଗି ସାଧାରଣ ଲୁକେ୍ ସମିଆ ଆଉ ଖର୍ଚ୍ଚାନୁ ନିସ୍ତାର୍ ପାଏବେ ବଲି ଶ୍ରୀ ନାୟକ କହିଛନ୍ ।

ବିଶ୍ୱବିଦ୍ୟାଳୟ-କର୍ମଶାଳା ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ର ସାହିତ୍ୟ ଏକାଡେମୀ ଆଉ ସମ୍ବଲପୁର୍ ବିଶ୍ୱବିଦ୍ୟାଳୟର ସ୍ନାତକୋତର ଓଡ଼ିଆ ଭାଷା ଆଉ ସାହିତ୍ୟ ବିଭାଗ୍ର ମିଲିତ୍ ସହଯୋଗ୍ଥି ଭାରତୀୟ ସଂସ୍କୃତି ପ୍ରେକ୍ଷାପଟରେ ସାନ୍ତାଳି ଏବଂ ଅନ୍ୟାନ୍ୟ ଆଦିବାସୀ ଜୀବନ ଶୀର୍ଷକ୍ ଆଲୋଚନା ଚକ୍ର ହେଇଯାଇଛେ । କାର୍ଯ୍ୟକ୍ରମ୍ଥି କୁଳପତି ପ୍ରଫେସର୍ ବିଧୁଭୂଷଣ୍ ମିଶ୍ର

ଯୋଗ୍ ଦେଇକରି ସାନ୍ତାଳିମାନ୍କର୍ ଐତିହ୍ୟ ବାବ୍ଦେ ମତ ରଖିଥିଲେ ।

ସମ୍ବଲ୍ପୁର୍ - ଏର୍ଣ୍ଣାକୁଲମ୍ ଖାସ୍ ଟ୍ରେନ୍     ଆର୍ଏନ୍ୟୁ/ ସମ୍ବଲପୁର

ଯାତ୍ରୀମାନ୍କର୍ ଆବଶ୍ୟକତା ଆଉ ଭିଡ଼୍କେ ନଜର୍ଥି ରଖିକରି ସମ୍ବଲ୍ପୁର୍ - ଏର୍ଣ୍ଣାକୁଲମ୍ ଭିତ୍ରେ ଖାସ୍ ଟ୍ରେନ୍ ଚଲାଚଲ୍ ଲାଗି ରେଲ୍ବାଇ ତର୍ଫୁ ନିଷ୍ପତି ନିଆଯାଇଛେ । ଇ ଟ୍ରେନ୍ ଆଏବା କାଏଲ୍ନୁ ସେପ୍ଟେମ୍ବର୍ ୨ ତାରିଖ୍ ଭିତ୍ରେ ବୁଧବାର୍ ଦିନ ୧୧ : ୩୫ ମିନିଟ୍ଥି ସମ୍ବଲ୍ପୁର୍ନୁ ବାହାରିକରି ଶୁକ୍ରବାର୍ ସଖାଲର୍ ୫ :୪୦ ଥି ଏର୍ଣ୍ଣାକୁଲମ୍ ନ ପୁହୁଁଚିବା । ସେନ୍ତା ଆଏବା ୨୧ ତାରିଖ୍ ନୁ ସେପ୍ଟେମ୍ବର୍ ୪ ତାରିଖ୍ ଭିତ୍ରେ ଶୁକ୍ରବାର୍ ସଖାଲର୍ ୮ : ୪୦ ମିନିଟ୍ଥି ଏର୍ଣ୍ଣାକୁଲମ୍ନୁ ବାହାରିକରି ରାତିର୍ ୧୧ .୧୫ ଥି ସମ୍ବଲ୍ପୁର୍ ନ ପହଁଚିବା ବଲି ରେଲ୍ବାଇ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଫାଓ ଫୁଟ୍ବଲ୍ ଲିଗ      ଆଇ.ଆଣ୍ଡ୍.ପି.ଆର୍

ଫାଓ ଫୁଟ୍‌ବଲ୍ ଲିଗ୍‌ଥି ଚାମ୍ପିଅନ୍ ହେଇଥିବା ଓଡ଼ିଶା ପୁଲିସ୍‌ର ଦଲ୍‌କେ ରାଜ୍ୟ ପୁଲିସ୍ ମୁଖ୍ୟାଲୟ ନ ଆଏଜ୍ ପୁଲିସ୍ ମହାନିର୍ଦ୍ଦେଶକ୍ ବିନୟତୋଷ୍ ମିଶ୍ର ସମ୍ବର୍ଦ୍ଧିତ୍ କରିଛନ୍ । ବାରବାଟୀ ଷ୍ଟାଡ଼ିୟମ୍ ନ ଖେଲାଯାଇଥିବା ଫାଇନାଲ୍ ମେଚ୍‌ଥି ଓଡ଼ିଶା ପୁଲିସ୍ ଦଲ୍ ୫/ ୧ ଗୋଲ୍‌ଥି ୟଙ୍ଗ୍ ଉତ୍କଲ୍ କ୍ଲବ୍‌କେ ହରେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ଉତର୍ ପଶ୍ଚିମ ଦିଗ୍‌କେ ଯାଇକରି ଅବପାତ୍‌ଥି ବଦ୍‌ଲିଛେ । ଆଏବା ୨୪ ଘଂଟା ଭିତ୍‌ରେ ଅବପାତ୍ ପଶ୍ଚିମବଙ୍ଗ୍, ଝାର୍‌ଖଣ୍ଡ ଆର୍ ବିହାର୍ ଆଡ଼୍‌କେ ଯିବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ଇତାର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍ ଜିଲ୍ଲା ନ ଜବର୍‌ନୁ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।

ଇତାର୍ ସହେତେ ସମ୍ବଲ୍‌ପୁର୍ ଦେବ୍‌ଗଡ୍, କେନ୍ଦୁଝର୍, ସୁବର୍ଣ୍ଣପୁର୍, ବଲାଙ୍ଗିର୍ ଜିଲ୍ଲା ନ ଜବର୍ ବର୍ଷାକେ ନେଇକରି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ । ଚଲ୍‌ତି ମୌସୁମୀଥି ରାଏଜେ ୯ ଶହ ୭୪ ଦଶ୍‌ମିକ୍ ୭ ମିଲିମିଟର୍ ବର୍ଷା ହେଇଥିବାର୍ ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।